# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 07th April - 2025

**********************************

*Desk*

## ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତସନ୍ଧ୍ୟାରେ ନୂଆଦିଲ୍ଲୀ ଗସ୍ତରେ ଯାଉଛନ୍ତି। ରାଜ୍ୟରେ ଶିଳ୍ପ ସମ୍ଭାବନାକୁ ନେଇ ମୁଖ୍ୟମନ୍ତ୍ରୀ ଓଡ଼ିଶା ନିବେଶକ ସମ୍ମିଳନୀରେ ଯୋଗଦେବା ସହ ବୁଝାମଣା ପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ ସାମିଲ୍ ହେବେ । ଏହି ଗସ୍ତକାଳରେ ଆଇ.ଓ.ସି.ଏଲ୍., ପେଟ୍ରୋନେଟ୍, ରିଜର୍ଭସ୍ ଲିମିଟେଡ୍ ସହ ରାଜ୍ୟ ସରକାର ବୁଝାମଣା ପତ୍ର ସ୍ୱାକ୍ଷର କରିବେ ବୋଲି ଜଣାପଡ଼ିଛି । ମୁଖ୍ୟମନ୍ତ୍ରୀ ରାଜ୍ୟର ଭବିଷ୍ୟତ ପାଇଁ ରହିଥିବା ଲକ୍ଷ୍ୟ ସମ୍ପର୍କରେ ଶିଳ୍ପନେତୃତ୍ୱ ଓ ଅଂଶୀଦାରଙ୍କ ସହ ଆଲୋଚନା କରିବେ। ଦିଲ୍ଲୀର ନୋଏଡାରେ ଥିବା ଏଚ୍.ସି.ଏଲ୍. ଟେକ୍ କ୍ୟାମ୍ପସ୍ ମୁଖ୍ୟମନ୍ତ୍ରୀ ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି।

*Desk*

## ଓଡ଼ିଆ ପକ୍ଷ

ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଓଡ଼ିଆ ପକ୍ଷର ଆଜି ସପ୍ତମ ଦିବସରେ ବର୍ଣ୍ଣବୋଧ ଉତ୍ସବ ପାଳିତ ହେଉଛି । ଏହି ୧୪ ଦିନିଆ

ପକ୍ଷର ବିଭିନ୍ନ ଦିନରେ ସାହିତ୍ୟ, ସଂସ୍କୃତି, ପରମ୍ପରା, ନୃତ୍ୟ ଓ ସଙ୍ଗୀତ ଭିତ୍ତିକ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି । ଆଜି ବର୍ଣ୍ଣବୋଧ ଉତ୍ସବ ଅବସରରେ ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇ ବର୍ଣ୍ଣବୋଧକୁ କିପରି ଆହୁରି ଲୋକପ୍ରିୟ କରାଯାଇପାରିବ, ସେନେଇ ଲକ୍ଷ୍ୟ ରଖାଯାଇଛି ।

***Sambalpur/R***

# ପ୍ରକଳ୍ପ ସମୀକ୍ଷା

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ରାଜ୍ୟ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସମ୍ବଲପୁର ଜିଲ୍ଲାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରିଛନ୍ତି । ଏଥିରେ ୮ଟି ପ୍ରମୁଖ ପ୍ରକଳ୍ପ ଉପରେ ଗୁରୁତ୍ୱ ଦିଆଯାଇଛି । ବୈଠକରେ ବୁର୍ଲା ସହରରୁ ହୀରାକୁଦକୁ ସଂଯୋଗ କରିବା ଲାଗି ଏକ ସେତୁ ସ୍ଥାପନ ନିମନ୍ତେ ଆଲୋଚନା ହୋଇଥିବା ଜଣାପଡ଼ିଛି । ବୈଠକ ପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି :

***Voice :.......***

***Desk***

# ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ବିଶ୍ୱ କଲ୍ୟାଣପାଇଁ ସ୍ୱାସ୍ଥ୍ୟ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ବାର୍ତ୍ତା ନେଇ ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଉଛି ।  ସମ୍ପୂର୍ଣ୍ଣଭାବେ

ଶାରୀରିକ, ମାନସିକ ଏବଂ ସାମାଜିକ ସୁସ୍ଥତାକୁ ଉତ୍ତମ ସ୍ୱାସ୍ଥ୍ୟ କୁହାଯାଇଥାଏ। ପ୍ରତ୍ୟେକ ବ୍ୟକ୍ତି, ସଂସ୍ଥା, ସଂଗଠନ ଓ ସରକାରଙ୍କର ମିଳିତ ପ୍ରଚେଷ୍ଟାରେ ପୃଥିବୀର ଲୋକମାନେ କିପରି ନିରୋଗ ଓ ସୁନ୍ଦର ସ୍ୱାସ୍ଥ୍ୟ ଉପଭୋଗ କରିପାରିବେ ସେଥିପାଇଁ ୧୯୫୦ ମସିହାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଆଜିର ଦିନକୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଭାବେ ପାଳନ କରାଯାଉଛି। ଚଳିତ ବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ଦିବସର ବାର୍ତ୍ତା ରହିଛି "ସୁସ୍ଥ ଆରମ୍ଭ, ଆଶାଜନକ ଭବିଷ୍ୟତ"। ବିଶ୍ୱର ୧୪୦ଟି ରାଷ୍ଟ୍ର ନିଜ ନିଜର ସମ୍ବିଧାନରେ ସ୍ୱାସ୍ଥ୍ୟକୁ ଏକ ମାନବ ଅଧିକାର ଭାବେ ସ୍ୱିକୃତି ଦେଇଛନ୍ତି।

***Desk***

# ଯୋଗଦିବସ

ଦଶମ ଅନ୍ତର୍ଜାତୀୟ ଯୋଗଦିବସର ୭୫ ଦିନିଆ ଅବଗଣନା ଆରମ୍ଭ ହୋଇଛି । ଏଥିଲାଗି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଯୋଗ ମହୋତ୍ସବ ଆୟୋଜନ କରାଯାଇଛି । ଆଜି ସକାଳୁ ସାଧାରଣ ଯୋଗାଭ୍ୟାସ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟର ସଚିବ ବୈଦ୍ୟ ରାଜେଶ କୋଟେଚା ଏବଂ ଯୁଗ୍ମ ସଚିବ ମୋନାଲିସା ଦାସ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

***Desk***

## କ୍ୟାସ୍ ମ୍ୟାନେଜ୍‌ମେଣ୍ଟ

ରାଜ୍ୟ ସରକାରଙ୍କ ସମସ୍ତ ବିଭାଗ କ୍ୟାସ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ ଆପଣାଇବେ ବୋଲି ଜଣାପଡ଼ିଛି । ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଲାଗି ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଂସ୍କାର ନୀତି ଲାଗୁ କରାଯାଇଛି । ଏନେଇ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ସମସ୍ତ ବିଭାଗକୁ ଅବଗତ କରାଇଛନ୍ତି । ପୂର୍ବରୁ କ୍ୟାସ୍ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ୍ ୨୦ଟି ବିଭାଗରେ କାର୍ଯ୍ୟକାରୀ ହେଉଥିବାବେଳେ ଏଣିକି ସମସ୍ତ ବିଭାଗ ଏହାକୁ କାର୍ଯ୍ୟକାରୀ କରିବେ । ଏହାବ୍ୟତୀତ ସମସ୍ତ ବିଭାଗପାଇଁ ତୃତୀୟ ତ୍ରୈମାସିକ ସୁଦ୍ଧା ବଜେଟ୍ ଅଟକଳର ୬୦ ପ୍ରତିଶତ ଖର୍ଚ୍ଚ କ୍ଷମତା ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ।

***Puri/R***

## ସାହିଯାତ

ପୁରୀ ଶ୍ରୀମନ୍ଦିରରେ ବିଧି ଅନୁଯାୟୀ ରାମନବମୀର ପ୍ରଥମ ଦିନରେ ସାହିଯାତ ଆରମ୍ଭ ହୋଇଛି । ପରମ୍ପରା ଅନୁଯାୟୀ ରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ ଓ ଋଷ୍ୟଶୃଙ୍ଗ ଋଷି କାଳିକାବେଦୀ ସାହିରୁ ବାହାରି ମାଟିମଣ୍ଡପ ସାହିକୁ ପରିଭ୍ରମଣ କରିଥିଲେ । ଭାଇଚାରା ଓ ବନ୍ଧୁତ୍ୱର ସମାବେଶ ମଧ୍ୟରେ ପାରମ୍ପରିକ ଲୋକନୃତ୍ୟ ଓ ଲୋକକଳାକୁ ନେଇ ଆରମ୍ଭ ହୋଇଥିବା ସାହିଯାତ

ଆସନ୍ତା ୨୨ ତାରିଖରେ ରାମାଭିଷେକ ଦିନ ଶେଷ ହେବ । ବିଭିନ୍ନ ପର୍ଯ୍ୟାୟରେ ଶ୍ରୀକ୍ଷେତ୍ରର ୮ ସାହିରୁ ସାହିଯାତ ଅନ୍ୟ ସାହିକୁ ପରିଭ୍ରମଣରେ ଯିବ ବୋଲି ଜଣାପଡ଼ିଛି ।

***Desk***

## ମୁଖ୍ୟମନ୍ତ୍ରୀ - ଜନଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀ ଗସ୍ତରେ ଯାଇଥିବାରୁ ଆଜି ଭୁବନେଶ୍ୱର ୟୁନିଟ-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ହେଉଥିବା ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ । ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ଗଣମାଧ୍ୟମରେ ଜଣାଇ ଦିଆଯିବ ବୋଲି ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

***Sambalpur/R***

## ଫିଟ୍‌ନେସ୍ ଚାମ୍ପିୟନ୍‌ସିପ୍

ସମ୍ବଲପୁର ପି.ଏଚ୍.ଡି. ପଡ଼ିଆଠାରେ ଅଷ୍ଟାଦଶ ବରିଷ୍ଠ ଜାତୀୟ ବଡିବିଲ୍ଡିଂ ଓ ଫିଟ୍‌ନେସ୍ ଚାମ୍ପିୟନ୍‌ସିପ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ

ଯୋଗ ଦେଇଥିଲେ । ପ୍ରତିଯୋଗିତାରେ ୨୨ଟି ରାଜ୍ୟରୁ ୩୫୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ ।

***Desk***

# ପାଣିପାଗ

ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ବାୟୁମଣ୍ଡଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଅନୁସାରେ ଆଗାମୀ ୪୮ ଘଣ୍ଟା ମଧ୍ୟରେ ଘୂର୍ଣ୍ଣିବଳୟ ପ୍ରଭାବରେ ଦକ୍ଷିଣ ବଙ୍ଗୋପସାଗର ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ଗତି ଏବଂ ପ୍ରଭାବ ବିଷୟରେ ସ୍ପଷ୍ଟ ଜଣାପଡ଼ି ନାହିଁ । ତେବେ ଚଳିତ ସପ୍ତାହରେ ରାଜ୍ୟର କେତେକ ଅଞ୍ଚଳରେ ଘଡ଼ଘଡ଼ି ସହ ବର୍ଷା ହେବାନେଇ ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ୨ରୁ ୩ ଡିଗ୍ରୀ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଗତକାଲି ଅନୁଗୁଳ, ଟିଟିଲାଗଡ଼ ଏବଂ ଝାରସୁଗୁଡ଼ାରେ ଦିନ ତାପମାତ୍ରା ୪୨ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ରହିଥିଲା ।

*****